## ସଂକ୍ଷେପରେ

### ଆଦିବାସୀ ଐତିହ୍ୟ ସାଧନା କେନ୍ଦ୍ରର ଭିତ୍ତିପ୍ରସ୍ତର



ପଦ୍ମପୁର/ଗୁଡ଼ାରି, ୭।୯ (ପ୍ରଶାନ୍ତ କୁମାର କର/ପ୍ରମୋଦ ପତି)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଗୁରୁବାର ରାୟଗଡ଼ା ଜିଲା ପଦ୍ମପୁର ଓ ଗୁଡ଼ାରୀର ଗାନ୍ଧୀ ନଗର ନିକଟରେ ଆଦିବାସୀ ଐତିହ୍ୟ ସାଧନା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ଆଦିବାସୀଙ୍କ କଳା ସଂସ୍କୃତି ଏବଂ ପାରମ୍ପରିକ ନୃତ୍ୟ ବେଶଭୂଷା ଚାଲିଚଳନ ସମ୍ପର୍କରେ ଏଠାରେ ବିସ୍ତୃତ ଜ୍ଞାନ ଆହରଣ ହୋଇପାରିବ। ଏଠାରେ ଆଦିବାସୀଙ୍କ ସଂଗ୍ରହାଳୟ ମଧ୍ୟ ରହିବ ବୋଲି ସୂଚନା ମିଳିଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ପଦ୍ମପୁର ବିଡିଓ ରୀନା ପ୍ରଧାନ, ବ୍ଲକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ହୁରୁଚୁଲା ମାଝି, ସହଦେବ ମାଝି ଉପସ୍ଥିତ ଥିଲେ। ଗୁଣପୁର ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତିପ୍ରଭା ପ୍ରଧାନ, ଭଏନ୍ଏସି ଅଧ୍ୟକ୍ଷା ସରମିତା ଶବର, ଗୁଡ଼ାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର ଅତିଥିଭାବେ ଯୋଗ ଦେଇଥିଲେ। ପଦ୍ମପୁରରେ ବିଷ୍ଣୁ ପଣ୍ଡା, କୈଳାସ କ୍ରାସ୍କା, ନେତ୍ରାନନ୍ଦ ଶବର, କରୁଣାକର ଶବର, ବୃନ୍ଦା ଶବର, ଦୁର୍ଗା ପ୍ରସାଦ ସାହୁ ଓ ଗୁଡ଼ାରିରେ ବିଜେଡି ନେତା ସନ୍ତୋଷ ମହାନ୍ତି, କେଦାର ସାହୁ, ଈଶ୍ୱର ପାଣିଗ୍ରାହୀ, ଏମ ପ୍ରସାଦଙ୍କ ସମେତ ଏସ୍ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

# କେ.ମାଲିଗାଁ ପ୍ରାଥମିକ ବିଦ୍ୟାଳୟରେ ଖୋଲିଲା ଟିଆରସି

**ପ୍ରାଥମିକସ୍ତରରୁ ଜନଜାତି ଉପରେ ଜ୍ଞାନ ଆହରଣ କରିବେ ଛାତ୍ରୀଛାତ୍ର**

ରାୟଗଡ଼ା,୭।୯
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସଦର ବ୍ଲକ କେ.ମାଲିଗାଁ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଜନଜାତି ସାଧନ କେନ୍ଦ୍ର(ଟିଆରସି) ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ଆଦିମ ଜନଜାତିଙ୍କ ପରମ୍ପରା, ସଂସ୍କୃତି, ଭାଷା, ସାହିତ୍ୟ ଓ ଜୀବନଶୈଳୀ ଆଦି ଉପରେ ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିପାରିବେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ଜିଲା ସମଗ୍ର ଶିକ୍ଷା ଅଧ୍ୟକ୍ଷ ସ୍ୱାଧଦେବ ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଜିଲାର ଅନ୍ୟ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଏଭଳି ସେଣ୍ଟର ଖୋଲାଯିବ ବୋଲି ଜିଲାପାଳ ସ୍ୱାଧଦେବ ସିଂ କହିଛନ୍ତି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନୁସାରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଏହି କେନ୍ଦ୍ର ପରିଦର୍ଶନ କରି ଆଦିମ ଜନଜାତି ଓ ବିଭିନ୍ନ ସମ୍ପ୍ରଦାୟଙ୍କ ବିଷୟରେ ଜ୍ଞାନ ଆହରଣ କରିପାରିବେ । ଏହି ସଂଗ୍ରହାଳୟ କାନ୍ଥଗୁଡ଼ିକରେ ଟେରାକୋଟା ଚିତ୍ର ମାଧ୍ୟମରେ ଆଦିବାସୀଙ୍କ ଜୀବନ ଶୈଳୀ ଓ ଅନ୍ୟାନ୍ୟ ବିଷୟରେ ପ୍ରଦର୍ଶିତ କରାଯାଇଛି। ଏଥି ସହିତ ଆଦିବାସୀ ବର୍ଣ୍ଣମାଳା, ଆଦିବାସୀଙ୍କ ବିଭିନ୍ନ ସାମଗ୍ରୀର ଫଟୋ ପ୍ରଦର୍ଶିତ ରହିଛି। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ ଦାସ, ସରପଞ୍ଚ କବିତା ହୁଇକା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନିଆ ହୁଇକାଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ଫୁଲମତି ମୁଦୁଲି ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।



ଅତିଥିମାନେ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।



ଜନଜାତିଙ୍କ ଜୀବନଶୈଳୀ ଓ ବେଶଭୂଷା ଉପରେ ନିର୍ମିତ ପ୍ରତିମୂର୍ତ୍ତି ।

# ଅଧିକ ନୂଆ ଭୋଟରଙ୍କୁ ପଞ୍ଜୀକୃତ କରିବାକୁ ଗୁରୁତ୍ୱ

ରାୟଗଡ଼ା, ୭।୯ (ଭାଗ୍ୟଶ୍ରୀ ମିଶ୍ର)

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ କାର୍ଯ୍ୟକ୍ରମ ଅନ୍ତର୍ଗତ ମୁଁ ବି ମିତା ଅଭିଯାନ ଗୁରୁବାର ଆରମ୍ଭ ହୋଇଛି। ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ, ସମ୍ଭାବିତ ଭୋଟର ଓ ସ୍ଥାନାନ୍ତରିତ ଭୋଟରଙ୍କ ସହାୟତା ନିମନ୍ତେ ଉର୍ଦ୍ଦିଷ୍ଟ ଏହି ଅଭିଯାନର ସଫଳ ରୂପାୟନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ଗାଁକୁ ଗାଁ ଓ ଘରକୁ ଘର ବୁଲି ସଚେତନ କରୁଛନ୍ତି। ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସହାୟତା ପାଇଁ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଭିଯାନରେ ସାମିଲ ହୋଇ ସଚେତନତା ସୃଷ୍ଟି କରିବେ। ଅତିରିକ୍ତ ଜିଲାପାଳ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜ କଲେଜ ଓ ସ୍ଥାନୀୟ ଅଞ୍ଚଳରେ କିପରି ସଚେତନତା ସୃଷ୍ଟି କରିବେ ସେ ନେଇ ବୁଝାଇଥିଲେ। ଅଧିକ ସଂଖ୍ୟକ ନୂଆ ଭୋଟର ନାମ ଯେପରି ପଞ୍ଜିକୃତ କରିପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା।

ମିତା ଭାବରେ ଦାୟିତ୍ୱ ନେଇଥିବା ଛାତ୍ରୀମାନଙ୍କୁ ଅନ୍ୟତମ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସ୍ୱାଗତ କରିଥିଲେ। ସେମାନେ କୌଣସି ରାଜନୈତିକ ଦଳ ସହିତ ସାମିଲ ହେବେ ନାହିଁ ଯଦି ସାମିଲ ହେବାକୁ ଚାହୁଁଛନ୍ତି ତାହାହେଲେ ମିତା ଛାଡିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ। ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭିମସେନ ଶବର ମୁଁ ବି ହେବି ମିତା ଅଭିଯାନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମର ସଂସାଧନ ସଭ୍ୟ ନୀଳାଞ୍ଚଳ ମିଶ୍ର ମୋବାଇଲରେ ଥିବା ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ କିପରି ନାମ ପଞ୍ଜିକରଣ କରାଯିବା ସହ ସଂଶୋଧନ ଓ ସ୍ଥାନାନ୍ତରିତ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ଉପଜିଲାପାଳଙ୍କ କାଯ୍ୟାଳୟ ପ୍ରଫୁଲ୍ଲ କୁମାର ବେହେରା ଓ ଡିଆଇପିଆରଓ ବସନ୍ତ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ କଲେଜରୁ ୪୭ଜଣ ମିତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଏକ ମାସ ମଧ୍ୟରେ ଟ୍ରେନ ନ ରହିଲେ ଆନ୍ଦୋଳନ

**ବିଷମକଟକ ଷ୍ଟେସନ ମାଷ୍ଟରଙ୍କୁ ଦାବିପତ୍ର**

ବିଷମକଟକ ୭।୯ (ବିଭୂତି ଭୂଷଣ ନାୟକ)

ବିଷମକଟକ ରେଲ ଷ୍ଟେସନରେ ଏକ୍ସପ୍ରେସ ଟ୍ରେନ୍ ରହଣି ଦାବିରେ ରାୟଗଡା ଜିଲା ବିଷମକଟକ ବିକାଶମଞ୍ଚ ଓ ଅଞ୍ଚଳବାସୀ ଗୁରୁବାର ରେଳ ବିଭାଗର ଭୁବନେଶ୍ୱରସ୍ଥିତ ଜେନେରାଲ ମ୍ୟାନେଜର, ୱାଲଟିୟର ଡିଭିଜନ୍ ମ୍ୟାନେଜର ଏବଂ ସମ୍ବଲପୁର ଡିଭିଜନ ମ୍ୟାନେଜରଙ୍କୁ ଗୁରୁବାର ଏକ ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରରେ ବିଷମ କଟକ ରେଲଷ୍ଟେସନଠାରେ (କୋରବା–ବିଶାଖାପାଟଣା) କୋରବା ଏକ୍ସପ୍ରେସ୍, ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ବିଷମକଟକ ଷ୍ଟେସନଠାରେ ରହଣି ଏବଂ ଗୁଣ୍ଟୁର ରାୟଗଡା ପାସେଞ୍ଜର ଟ୍ରେନକୁ ଜୁନାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଉଲ୍ଲେଖ ରହିଛି। ଏନେଇ ଅଞ୍ଚଳବାସୀଙ୍କ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲା ସୁଦ୍ଧା ରେଳବିଭାଗ ଗୁରୁତ୍ୱ ଦେଉ ନ ଥିବାର ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ଏକ ମାସ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ବିକାଶ ମଞ୍ଚ ଚେତାନୀ ଦେଇଛି। ଏହି କ୍ରାର୍ଯ୍ୟକ୍ରମରେ ବିକାଶ ମଞ୍ଚ ସଭାପତି ଗୋପାଳ କ୍ରିଷ୍ଟା ପଟ୍ଟନାୟକ, ଆଇନଜୀବୀ ଦିଲୀପ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ଦେବୀ ପ୍ରସାଦ ପଟ୍ଟନାୟକଙ୍କ, କୁଲି ସରପଞ୍ଚ ସବ୍ରଧୀନୀ ୱାଡ଼ାକା, କିରଣ ସାହୁ , ମହେନ୍ଦ୍ର ଚୌହାନ,ବଡ ଗୌଡ, ପି. ଅନିଲ କୁମାର,ଶୁଭେନ୍ଦୁ ଚୌଧୁରୀଙ୍କ ସହ ବିକାଶ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ବିକାଶମଞ୍ଚ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

# ଗ୍ରେଡ୍‌ପେ ବୃଦ୍ଧି ଦାବିରେ ଅଧ୍ୟାପକଙ୍କ କଳାବ୍ୟାଜ ପରିଧାନ

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)

ଗ୍ରେଡ୍‌ପେ ବୃଦ୍ଧି ଦାବିରେ ରାଜ୍ୟରେ କାର୍ଯ୍ୟରତ ଏସ୍ଏସ୍‌ବି ଅଧ୍ୟାପକ ମଙ୍ଗଳବାରରୁ କଳାବ୍ୟାଜ ପରିଧାନ କରିଛନ୍ତି। ଅଧ୍ୟାପକ ସଂଘ ଦାବି ଅନୁଯାୟୀ, ସେମାନଙ୍କ ଗ୍ରେଡ୍‌ପେ ୪୬୦୦ ପରିବର୍ତ୍ତେ ୫୪୦୦ କରିବା ପାଇଁ ଦୀର୍ଘ ଦିନରୁ ଦାବି ରହିଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଉ ନାହାନ୍ତି। ତେଣୁ ଏହି ଦାବି ପୂରଣ ୧୨ ତାରିଖ ସୁଦ୍ଧା ନ ହେଲେ ସଂଘର ସମସ୍ତ ଅଧ୍ୟାପକ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏସ୍ଏସବି ଅଧୀନରେ ଜିଲାରେ କାର୍ଯ୍ୟରତ ସମସ୍ତ ଅଧ୍ୟାପକ ସଂଘ ନିର୍ଦ୍ଦେଶ ଅନୁଯାୟୀ କଳାବ୍ୟାଜ ପରିଧାନ କରିଛନ୍ତି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅଧ୍ୟାପକମାନେ ଦାବି କରିଛନ୍ତି ।

# ମୁଁ ବି ମିତା ଅଭିଯାନ ଶୁଭାରମ୍ଭ



ଜଣେ ଛାତ୍ରୀଙ୍କୁ ବିଇଓ ଟୋପି ପିନ୍ଧାଉଛନ୍ତି ।

ଗୁଣପୁର,୭।୯ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଗୁରୁବାର ମୁଁ–ବି–ମିତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଶତ ପ୍ରତିଶତ ମତଦାନ ଲକ୍ଷ୍ୟ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟରେ ରହିଛି। ସହକାରୀ ଜିଲାପାଳ ସୁଜାତା ପାଢୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ତଥା ଭାରପ୍ରାପ୍ତ ଉପଜିଲାପାଳ ଶାନ୍ତିପ୍ରଭା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ଶ୍ରଦ୍ଧାଞ୍ଜଳି ପ୍ରଧାନ,ପୌର ନିର୍ବାହୀ ଅଧିକାରୀ ଡ.ସତ୍ୟ ସମ୍ପୂର୍ଣ୍ଣା ରାଉତ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ ଓ ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୁଣପୁର, ଗୁମୁଡା,ପଦ୍ମପୁର ଏବଂ ଗୁଡାରି ଆଦି ଅଞ୍ଚଳର କଲେଜ ଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ଏହି ଅଭିଯାନର ଲକ୍ଷ୍ୟ ଯେପରି ଗାଁ ଗାଁରେ ପହଞ୍ଚିବ ସେନେଇ ଛାତ୍ରୀମାନେ ସଚେତନତା ବାର୍ତ୍ତା ସୃଷ୍ଟି କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ୧୮ ବର୍ଷ ହେଲେ ଜଣେ ଭୋଟର ହେବା ସହ ଭୋଟ ଦେବାର ଅଧିକାରପ୍ରାପ୍ତ ହେଉଛି। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭିଡିଓ କନ୍‌ଫରେନ୍ସ ବାର୍ତ୍ତା ମାଧ୍ୟମରେ ବିଏଲଓ, ଉପ ଜିଲାପାଳ, ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟ ସଂପର୍କରେ ଆଲୋକ ପାତ କରିଥିଲେ । ପ୍ରତି କଲେଜର ଇଲୋକଟ୍ରଲ କ୍ଲବର ୪ ଜଣ ଛାତ୍ରୀଙ୍କୁ ଆମ୍ବାସଡର ଭାବେ ରାଜ୍ୟ ନିର୍ବାଚନ ଅଧିକାରୀ ମନୋନୀତ କରିଥିବାରୁ ସେମାନଙ୍କୁ ଟୋପି, ବ୍ୟାଜ୍ ପ୍ରଦାନ କରାଯାଇଥିଲା। ଗୁଣପୁର ଥାୟାରାମ କଲେଜ ଛାତ୍ରୀମାନେ ମୁଁ ବି ମିତା ଗୀତ ପ୍ରସ୍ତୁତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିମେଣ୍ଟରେ ଗୋରୁ ଗୁହାଳ ତିଆରି ନେଇ ପରାମର୍ଶ

**ଜିଲାସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ**

ରାୟଗଡ଼ା, ୭।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜିଲା ପ୍ରଶିକ୍ଷଣ କେନ୍ଦ୍ରରେ ଗୁରୁବାର ଆୟୋଜିତ ହୋଇଯାଇଛି। ମଧ୍ୟମସ୍ତରୀୟ ଉଦ୍ୟୋଗୀଙ୍କ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳନ ଉପରେ ସଚେତନତା ସୃଷ୍ଟି କରାଯାଇଛି। ଗୋପାଳନରେ କିପରି ଖର୍ଚ୍ଚ ନିୟନ୍ତ୍ରଣ ରଖିବେ ସେ ନେଇ ଆଲୋଚନା ହେବା ସହ ଗୋରୁ ପାଇଁ ଗୁହାଳ ସିମେଣ୍ଟରେ ତିଆରି କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ବର୍ଷା ଖରା ଶୀତରେ ଗାଈଙ୍କୁ ନ ଛାଡ଼ିବା, ଗାଈ ପାଇଁ ଟିଙ୍କ ଏବଂ ଉକୁଣି ହେଲେ କିପରି ଯତ୍ନ ନେବା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦିଆଯାଇଛି। ଗାଈଙ୍କ ଆବଶ୍ୟକ ଖାଦ୍ୟ ବ୍ୟବସ୍ଥା ନ କଲେ ସେ ଉପଯୁକ୍ତ କ୍ଷୀର ଦେଇପାରିବ ନାହିଁ ବୋଲି କାର୍ଯ୍ୟକ୍ରମରେ ବୁଝାଯାଇଛି। କଷ କ୍ଷୀର ବାଛୁରୀକୁ ଦେଲେ ତାହାର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଇବ ବୋଲି ଡ. ବିପ୍ରଚରଣ ବେହେରା ଏବଂ ଉପନିର୍ଦ୍ଦେଶକ ଡ. ବିରଞ୍ଚି ମିଶ୍ର ପ୍ରମୁଖ ଉଦ୍ୟୋଗୀଙ୍କୁ ବୁଝାଇଛନ୍ତି । କାଶୀପୁର, ଲାକ୍ରେସୀ, ଭୁଜ ବଳ, କାସିଲି, ରାୟଗଡାରୁ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ। ଓମ୍‌ଫେଡ୍ ୟୁନିଟ ଇନ୍‌ଚାର୍ଜ ପବିତ୍ର ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ଉଦ୍ୟୋଗୀଙ୍କୁ ପରାମର୍ଶ ଦେଉଛନ୍ତି।

# ରାହୁଲଙ୍କ ପଦଯାତ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲା କଂଗ୍ରେସର ପଦଯାତ୍ରା





ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ପଦଯାତ୍ରାରେ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ, ଆପଲସ୍ୱାମୀ କାଡ୍ରାକା ଓ ଅନ୍ୟମାନେ।

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)

ରାହୁଲ ଗାନ୍ଧୀ ଗତବର୍ଷ ସେପ୍ଟେମ୍ବର ୭ରେ କନ୍ୟାକୁମାରୀଠାରୁ କାଶ୍ମୀର ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ଏକ ପଦଯାତ୍ରା ଓ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଦଯାତ୍ରାରେ ରାୟଗଡ଼ା ବିଧାୟକ ପ୍ରାର୍ଥି ଆପଲସ୍ୱାମୀ କାଡ୍ରାକା, ଜିଲା ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ୍, ପିସିସି ସଭ୍ୟ ରଘୁନାଥ ପାତ୍ର, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପାର୍ଥ ବର୍ଦ୍ଧନ, ଗୁଣପୁର ବିଧାନସଭା ଯୁବ ସଭାପତି ଅବିନାଶ ଗମାଙ୍ଗ, ଯୁବ କଂଗ୍ରେସ ନେତା ସତ୍ୟଜିତ ଗମାଙ୍ଗ, ରାୟଗଡ଼ା ବ୍ଲକ ସଭାପତି ଗାଦିକା ବାଛେଲି, କାଶୀପୁର ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ, ଜିଲା କିଷାନ କଂଗ୍ରେସ ସଭାପତି ଗଙ୍ଗାଧର ଆଚାରି, ହରିଶ ପଟ୍ଟନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଅଂଶୁମାନ ପଟ୍ଟନାୟକ ଓ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ପଦଯାତ୍ରା ପରେ କଂଗ୍ରେସ ଭବନରେ ଆୟୋଜିତ ବୈଠକରେ ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହିତ ୨୦୨୪ ସାଧାରଣ ନିର୍ବାଚନରେ ଦଳ ଜିଲାରେ କିଭଳି ବିଜୟୀ ହେବ ସେନେଇ ଆଲୋଚନା ହୋଇଥିଲା।

# ବିଇଓଙ୍କ କାର୍ଯ୍ୟାଳୟରେ ସୁନେତ୍ର କାର୍ଯ୍ୟକ୍ରମ

ଗୁଡ଼ାରି, ୭।୯ (ପ୍ରମୋଦ ପତି)

ଗୁଡ଼ାରୀ ବିଇଓଙ୍କ କାର୍ଯ୍ୟାଳୟରେ ଗୁରୁବାର "ସୁନେତ୍ର" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବିଇଓ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ।ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଗତ ସମସ୍ୟାର ସମାଧାନ ନିମନ୍ତେ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଯଉଁ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଗତ ସମସ୍ୟା ରହିଛି ସେସବୁକୁ ଦେଖିବା ପରେ ସମ୍ପୃକ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସେହି ପିଲାଙ୍କୁ ଗୁଡ଼ାରି ମେଡ଼ିକାଲ ଆଣି ଚିକିତ୍ସା କରିବା ପରେ ମାଗଣାରେ ଚଷମା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟତଃ ପିଲାମାନଙ୍କ ଆଖିରୁ ପାଣି ବୋହିବା, ପଢିବା ବେଳେ ବହି ଧାଡିରେ ଆଙ୍ଗୁଠି ଲଗେଇ ପଢିବା, ଆଖିରେ ଆଲୋକ ପଡିଲେ କଷ୍ଟ ଅନୁଭବ କରିବା ଇତ୍ୟାଦି ସମସ୍ୟା ଦେଖାଗଲେ ଶୀଘ୍ର ସେହି ପିଲାଙ୍କୁ ଚିହ୍ନଟ କରି ଚକ୍ଷୁ ପରୀକ୍ଷା କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚାକ୍ଣ୍ଡା ରୂପମାଝି, ନବକୃଷ୍ଣ ଗମାଙ୍ଗ, ଶ୍ରୀକାନ୍ତ ଦାସ ଏବଂ ସିଆରସିସିମାନେ ଉପସ୍ଥିତ ଥିଲେ। ବ୍ଲକ ବିଆରଟି ହେମରାଜ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ୪ ବର୍ଷ ବିତିଲାଣି, ସରୁନି ହଷ୍ଟେଲ ନିର୍ମାଣ

**ଅନୁସୂଚିତ ଜନଜାତି, ଜାତି ମନ୍ତ୍ରୀଙ୍କ ଜିଲାରେ ବିକାଶର ଚିତ୍ର**

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)

ସରକାର ଆଦିବାସୀ ଅଞ୍ଚଳରେ ଉନ୍ନତ ଶିକ୍ଷା ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଜିଲାରେ ଏହାର ବାସ୍ତବତା ଭିନ୍ନ ରହିଛି। ଖୋଦ୍ ଅନୁସୂଚିତ ଜନଜାତି ଓ ଜାତି ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଜିଲାରେ ୪ବର୍ଷ ହେଲାଣି ସରୁନି ହଷ୍ଟେଲ ନିର୍ମାଣ । କାଶୀପୁର ବ୍ଲକର କାଶୀପୁର ଓ ପାଞ୍ଝାଲି ହାଇସ୍କୁଲଠାରେ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ଆରମ୍ଭ ହୋଇ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ଏହା ଏଯାଏ ସରିନି। ଫଳରେ ଉକ୍ତ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଖବରରୁ ଜଣାପଡ଼ିଛି, ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଶଙ୍କରଡ଼ା ପଞ୍ଚାୟତ ଅନ୍ତର୍ଗତ ପାଞ୍ଝାଲି ହାଇସ୍କୁଲ ଏବଂ କାଶୀପୁର ସଦର ହାଇସ୍କୁଲଠାରେ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ୨୦୧୯ରେ ଟେଣ୍ଡର ହୋଇଥିଲା । ୭୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳରେ ଉକ୍ତ ଟେଣ୍ଡର ଏଚଏସ୍‌ସିଏଲ୍ ଠିକା ସଂସ୍ଥାକୁ ମିଳିଥିଲା । ମାତ୍ର କେବଳ ପିଲାର ନିର୍ମାଣ କରି ଠିକାସଂସ୍ଥା ଏହାକୁ ପକାଇ ରଖିଛି। ଦୁଇ ବର୍ଷ ମଧ୍ୟରେ କାମ ଶେଷ କରିବାକୁ ନିୟମ ରହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଇତି ମଧ୍ୟରେ ସୋନପୁର ଜିଲାରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ଠିକା ସଂସ୍ଥା ମାଲିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଉକ୍ତ ଏଚଏସସିଏଲ ସଂସ୍ଥା ରାୟଗଡ଼ା ଜିଲାରେ ୨୨ଟି ହଷ୍ଟେଲ ନିର୍ମାଣରେ ବିଳମ୍ବ ନେଇ ଜିଲା ମଙ୍ଗଳ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଉକ୍ତ ବିଦ୍ୟାଳୟରେ ହଷ୍ଟେଲର ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ନିର୍ମାଣ କାର୍ଯ୍ୟ ଅଟକି ରହିଥିଲେ ସୁଦ୍ଧା ବିଭାଗୀୟ ମନ୍ତ୍ରୀ କିମ୍ବା ଅଧିକାରୀ ଠିକା ସଂସ୍ଥା ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେବେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉକ୍ତ ଦୁଇଟି ହଷ୍ଟେଲ ସମେତ ଅନ୍ୟ ସମସ୍ତ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ କାଶୀପୁର ବ୍ଲକବାସୀ ଦାବି କରିଛନ୍ତି । ଏନେଇ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଏହି କାର୍ଯ୍ୟ ଟେଣ୍ଡର ପାଇଥିବା ଠିକା କମ୍ପାନୀ ଅଞ୍ଚଳର କିଛି ପେଟି ଠିକାଦାରଙ୍କୁ ସବଲେଟରେ କାମ ଦେଇ ଚୁପଚାପ୍ ବସିଛି। ଆଗାମମୀ ଦିନରେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶତପଥୀ କହିଛନ୍ତି।



# ରାୟଗଡାରେ ୧୮ ବର୍ଷ ହେଲା ବନ୍ଦ ହୋଇ ପଡିଛି ଓମ୍‌ଫେଡ୍ ପ୍ଲାଣ୍ଟ

ରାୟଗଡ଼ା,୭।୯ (ଭାଗ୍ୟ ଶ୍ରୀ ମିଶ୍ର )

- ରାୟଗଡା ବଜାରରେ ମିଳୁନି ଓମ୍‌ଫେଡ୍
- ଆନ୍ଧ୍ର କ୍ଷୀର ବ୍ୟବସାୟୀ ଉଠାଉଛନ୍ତି ଫାଇଦା

ରାଜ୍ୟ ସରକାର ପ୍ରାଣୀପାଳନ ଏବଂ ଗୋ ପାଳନ ପାଇଁ ଅନେକ ଯୋଜନା କରୁଛନ୍ତି। ସବ୍‌ସିଡି ଦେଇ ଉତ୍ସାହିତ କରୁଛନ୍ତି। ମାତ୍ର ରାୟଗଡାରେ ଥିବା ଓମ୍‌ଫେଡ଼ ପ୍ଲାଣ୍ଟ ଦୀର୍ଘ ୧୮ ବର୍ଷ ହେଲା ବନ୍ଦ ହୋଇରହିଛି। ଫଳରେ ରାୟଗଡା ଲୋକେ ଓମ୍ ଫେଡ଼ କ୍ଷୀର ପାଉନାହାନ୍ତି। କେବେ କେମିତି କିଛି ପରିମାଣରେ ଓମ୍‌ଫେଡ଼ କ୍ଷୀର ରାୟଗଡା ସହରରେ ବିକ୍ରି ହେଉଥିଲେ ସୁଦ୍ଧା ୯୦ ପ୍ରତିଶତ କ୍ଷୀର ପଡୋଶୀ ଆନ୍ଧ୍ରରୁ ଆସୁଛି। ଏହାର ଦର ମଧ୍ୟ ଅଧିକ ରହୁଛି। ଅନ୍ୟ କୌଣସି କ୍ଷୀର ନ ମିଳିଲେ ଆନ୍ଧ୍ରରୁ ଆସୁଥିବା ଏହି କ୍ଷୀର ଉପରେ ଲୋକେ ନିର୍ଭର କରୁଛନ୍ତି। ରାୟଗଡାର ୧୧ଟି ବ୍ଲକ ରହିଛି । ମାତ୍ର ସବୁ ବ୍ଲକରେ ଲୋକେ ଗୋପାଳନ କରନ୍ତି ନାହିଁ। ଯଦି ଗୋପାଳନ କରନ୍ତି ସେମାନେ ପ୍ରତିଦିନ ଓମ୍‌ଫେଡ୍‌କୁ କ୍ଷୀର ଦିଅନ୍ତି ନାହିଁ। ଗୁଣ୍ଡୁପୁର, ରାମନାଗୁଡା, ପଦ୍ମପୁର, କୋଲନରା, କାଶୀପୁର, ରାୟଗଡାରୁ ପ୍ରାୟ ୪୩୦୦ ଲିଟର କ୍ଷୀର ପ୍ରତ୍ୟେହ ଓମ୍‌ଫେଡ଼ ପ୍ଲାଣ୍ଟକୁ ପଠାଯାଉଛି। ପ୍ରତ୍ୟେକ କ୍ଷୀର ମାନ ପରୀକ୍ଷା ପରେ ଚାଷୀ ଟଙ୍କା ପାଉଛନ୍ତି। ରାୟଗଡାରେ ଓମଫେଡ଼ କ୍ଷତି ସହୁଥିବାରୁ ପ୍ଲାଣ୍ଟ ରାୟଗଡାରେ ବନ୍ଦ କରି ଜିଲାର ବିଭିନ୍ନ ସ୍ଥାନରୁ ଦୁଗ୍ଧ ସଂଗ୍ରହ କରି ରାୟଗଡା ପ୍ଲାଣ୍ଟରେ ଶିତଳୀକରଣ କରି ଜୟ ପୁର ପଠାଯାଉଛି।

ରାୟଗଡାରେ ଦୁଗ୍ଧ ଚାଷୀଙ୍କୁ ସେପରି ବିଶେଷ ଭାବେ ସଚେତନ କରାଯାଉନାହିଁ। ଏଠାରେ ଆନ୍ଧ୍ର ପ୍ରଦେଶ କ୍ଷୀର ଆସୁଥିଲେ ସୁଦ୍ଧା ଜୟପୁର ଓମ୍‌ଫେଡ଼କୁ ଠିକ ସମୟରେ ପହଞ୍ଚିପାରୁନାହିଁ ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ରାୟଗଡା ସହର ନିୟୁ କୋଲୋନୀର ସନ୍ତୋଷ ଦାସ କହନ୍ତି ଦୋକାନରେ କ୍ଷୀର ମାଗିବା ବେଳକୁ କେବଳ ଆନ୍ଧ୍ର କ୍ଷୀର ମିଳୁଛି। ଇଚ୍ଛାଥାଇ ଓମ୍‌ଫେଡ଼ ପାଇପାରୁ ନାହୁଁ । ୨୦୦୫ରୁ ରାୟଗଡା ଓମ୍‌ଫେଡ଼ ପ୍ଲାଣ୍ଟକୁ ନେଇ ଜୟପୁରରେ ପ୍ରତିଷ୍ଠା କରାଯାଇଛି। ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡାରୁ କ୍ଷୀର ଜୟପୁର ଓମ୍ ଫେଡ଼ କେନ୍ଦ୍ରକୁ ଯାଉଛି। ସେଠାରୁ ପ୍ୟାକେଟ ହୋଇ ରାୟଗଡା ଆସୁଛି। ମାତ୍ର ଗାଡିମାଲିକ କ୍ଷତି ହେଉଥିବା କହି ଓମ୍‌ଫେଡ଼ କ୍ଷୀର ଆଉ ରାୟଗଡା ଆଣୁନାହାନ୍ତି। ଏ ସମ୍ପର୍କରେ ଓମ୍‌ଫେଡର ୟୁନିଟ ଇନଚାର୍ଯ୍ୟ ଦାୟିତ୍ୱରେ ଥିବା ପବିତ୍ର ମୋହନ ଦାସ କହନ୍ତି ଏନେଇ ପୁଣି ଟେଣ୍ଡର ଡକାଯାଇଛି। ଶୀଘ୍ର ସମସ୍ୟାର ସମାଧାନ କରିବୁ। ମାର୍କେଟରେ ଓମ୍ ଫେଡ଼ କ୍ଷୀର ଯେପରି ଅଧିକ ବିକ୍ରି ହେବ ସେଥିପ୍ରତି ଧ୍ୟାନ ଦେବୁ ବୋଲି ଦାସ କହିଛନ୍ତି। ଏନେଇ ରାୟଗଡା ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ହାଡ଼ିବନ୍ଧୁ ଭୋଇ କହିଛନ୍ତି, ଓମଫେଡ଼ ଆମ ଦାୟିତ୍ୱରେ ଯାଉନି, ତାହା ଦୁଗ୍ଧ ସଂଘ ପକ୍ଷରୁ ପରିଚାଳନା କରାଯାଉଛି।



**ଫେରାର ଅଭିଯୁକ୍ତ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ)-ଜଣେ ଫେରାର ଅଭିଯୁକ୍ତଙ୍କୁ ଗୁରୁବାର ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ରିଙ୍କୁ ଏଲିୟସ ସଦାନନ୍ଦ ପଟ୍ଟନାୟକ (୩୭)। ସହରର ଏନ୍‌କେଟି ରୋଡ୍‌ରେ ରହୁଥିବା ରିଙ୍କୁଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ଚଢାଉକରି ତାଙ୍କୁ ଧରିଥିଲା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।



## ସଂକ୍ଷେପରେ

### ସେମିଳିଗୁଡ଼ାରେ ଭାଙ୍ଗିଲା ୮ କଚାଘର

**କୋରାପୁଟ-ରାୟଗଡ଼ା ମଧ୍ୟରେ ବନ୍ଦ ରହିଥିଲା ଗାଡ଼ି ଚଳାଚଳ**



କୋରାପୁଟ,୭।୯(ଅମିତାଭ ବେହେରା)

କୋରାପୁଟ ଜିଲାରେ ଗୁରୁବାର ୧୦୨୫ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଜିଲାର ସେମିଳିଗୁଡା ବ୍ଲକରେ ସର୍ବାଧିକ ୧୫୮ ମି.ମି. ବର୍ଷା ହୋଇଥିବା ବେଳେ କୋଟପାଡ ବ୍ଲକରେ ସର୍ବନିମ୍ନ ୧୨ ମି.ମି.ବର୍ଷା ହୋଇଥିବା ଜଣାଯାଇଛି। ଏହି ବର୍ଷା ଯୋଗୁ ବୁଧବାର ରାତିରେ କୋରାପୁଟ-ରାୟଗଡା ଜିଲାର ବଙ୍ଗଳାଗୁଡା ଗ୍ରାମ ନିକଟରେ ଥିବା ଏକ ପୋଲ ଉପରେ ୪ ଫୁଟର ବର୍ଷା ପାଣି ଆସିଥିଲା। ଫଳରେ କୋରାପୁଟ-ରାୟଗଡା ମଧ୍ୟରେ ଗାଡି ଚଳାଚଳ ବନ୍ଦ ରହିଥିଲା। ବର୍ଷା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ଗୁରୁବାର ମଧ୍ୟାହ୍ନ ସୁଦ୍ଧା କ୍ଷୟକ୍ଷତିର କୌଣସି ସରକାରୀ ରିପୋର୍ଟ ଆସିନାହିଁ ବୋଲି ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ଜିଲାର ସେମିଳିଗୁଡା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବ୍ଲକରେ ଚନ୍ଦ୍ରମା ଟାକ୍ରି, ମୁକ୍ତା ଖରା, ଗୌଡଗୁଡା ଗ୍ରାମର ଦମୟ ଗୌଡ, ମୋଲିଗଞ୍ଜା ଗ୍ରାମର ଧନୁର୍ଜୟ ଖିଲଙ୍କ ଘର ସହ ମୋଟ ୮ଟି କଚାଘର ଭାଙ୍ଗିଥିବା ଜଣାପଡିଛି। ବର୍ଷା ପାଣିର ପ୍ରଖର ସୁଅରେ ଏକ ସ୍କୁଟି ଭାସିଯିବା ସହ ଏକ ଦୋକାନ ଭିତରେ ପାଣି ପଶିଥିବା ଜଣାପଡିଛି।

### ଟ୍ରେନ୍‌ରେ କଟି ଯୁବତୀ ଯୁବକ ମୃତ

ପୁରୀ,୭।୯(ଅଜିତ୍ ମହାନ୍ତି):

ପୁରୀ ରେଳଷ୍ଟେଶନର କିଛି ଦୂରରେ ଗୁରୁବାର ଟ୍ରେନ୍‌ରେ କଟି ଦୁଇଜଣ ଯୁବତୀ ଯୁବକଙ୍କ ମୃତ୍ୟୁ ଘଟିଛି। ରେଳଧାରଣାରୁ ଉଭୟଙ୍କ ମୃତଦେହ ମିଳିଛି। ମୃତଦେହ ନିକଟରେ ପଡ଼ିଥିବା ଆଧାର କାର୍ଡରୁ ମୃତକ ଦ୍ୱୟ ଯତୀନ୍ ଶଙ୍କର ପାଢୀ ଓ ତୃପ୍ତିମୟୀ ସାହୁ ଏବଂ ସେମାନଙ୍କ ଘର କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏ ନେଇ ପୁରୀ ଜିଆର୍‌ପି ପକ୍ଷରୁ ଏକ ମାମଲା ରୁଜୁ ସହ କୋଟପାଡ଼ ଥାନାକୁ ସୂଚନା ଦିଆଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଏହି ଯୁବତୀ ଯୁବକ ଦ୍ୱୟଙ୍କ ମୃତ୍ୟୁ ଘଟିଲା ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଏ ସଂକ୍ରାନ୍ତରେ ପୁରୀ ଜିଆର୍‌ପି ପକ୍ଷରୁ ତଦନ୍ତ ଜାରି ରହିଛି।

### ଦୁର୍ଘଟଣାରେ ୩ ଗୁରୁତରଙ୍କୁ ମେଡିକାଲ ନେଲେ ବ୍ଲକ ଅଧ୍ୟକ୍ଷ

ମାଥିଲି,୭।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲିରୁ କୌଣସି କାମରେ ୩ ଜଣ ଯୁବକ ବାଇକ୍‌ରେ ବୁଧବାର ରାତିରେ କୌଣସି କାମରେ ମାଲକାନଗିରି ଯିବା ବେଳେ ଏକ ଖୁଣ୍ଟରେ ପିଟି ହୋଇ ଗୁରୁତର ହୋଇଥିଲେ। ସେମାନେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରେ ପଡି ରହିଥିଲେ। କୌଣସି କାମରେ ସେହି ରାସ୍ତାଦେଇ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯାଉଥିଲେ। ଅଧ୍ୟକ୍ଷ ଏହା ଦେଖି ଗାଡ଼ିରୁ ଓହ୍ଲାଇ ସମସ୍ତ ଆହତଙ୍କୁ ମେଡିକାଲ୍ ପଠାଇଥିଲେ। ଏବେ ସମସ୍ତ ଆହତ ବ୍ୟକ୍ତି ସୁସ୍ଥ ଥିବା ଜଣାପଡିଛି। ଏଥି ପାଇଁ ସେମାନେ ବ୍ଲକ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। ବାକା କହିଛନ୍ତି, ମାନବ ସେବା ହିଁ ଭଗବାନଙ୍କ ସେବା। ମୁଁ ସେମାନଙ୍କୁ ଦେଖିଲା ପରେ ପ୍ରଥମେ ପାଣି ଦେଇ ତାପରେ ସେହି ରାସ୍ତାଦେଇ ଯାଉଥିବା ଗୋଟିଏ ପିକ୍‌ଅପ୍‌ରେ ଆହତଙ୍କୁ ମେଡିକାଲ ନେଇ ଯାଇଥିଲି।

### ସଚେତନତା କରୁଛି ଶିକ୍ଷାରଥ

ବୈପାରିଗୁଡା,୭।୯ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡାରେ ଶିକ୍ଷାବିଭାଗ ପକ୍ଷରୁ ନବଭାରତ ଶିକ୍ଷା ସଚେତନତା ରଥ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ରଥ ଯାତ୍ରା ଆରମ୍ଭ କରି ଗୁପ୍ତେଶ୍ୱର ପଞ୍ଚାୟତର ଶିରିବେଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରଥକୁ ନାଚଗୀତରେ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ୧୫ରୁ୩୫ ବର୍ଷ ବୟସର ନିରକ୍ଷର ଲୋକଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟକରି ସଚେତନ କରିବା ଏହି ଅଭିଯାନର ଲକ୍ଷ୍ୟ। ଏହି ଅବସରରେ ଅତିଥିଭାବେ ସହକାରୀ ନିର୍ଦ୍ଦେଶକ ହିମାଂଶୁ ଓଝା, ଜିଲା ସହକାରୀ ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ଣ୍ଣମି, ତ୍ରିନାଥ ପଣ୍ଡା ଓ ସିଆର୍‌ସିମାନେ ଉପସ୍ଥିତ ଥିଲେ।

# ସେମିଳିଗୁଡ଼ାରେ ପ୍ରବଳ ବର୍ଷା, ବନ୍ୟା ସ୍ଥିତି

**ପାଣି ସୁଅରେ ସ୍କୁଟି ସହ ଭାସିଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ଲୋକେ**

ସେମିଳିଗୁଡ଼ା/ସୁନାବେଡ଼ା, ୭।୯ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାରେ ଗତ କିଛିଦିନ ଧରି ଲଘୁଚାପ ବର୍ଷା ଲାଗିରହିଛି। ପ୍ରବଳ ବର୍ଷା ଯୋଗୁ ସେମିଳିଗୁଡା ଓ ତା'ର ଆଖପାଖ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ବର୍ଷାଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବା ବେଳେ ପ୍ରାକୃତିକ ନାଳଗୁଡିକୁ ଲୋକେ ବନ୍ଦ କରି ସେଠାରେ ଘର ତୋଲୁଥିବାରୁ ଏପରି ସମସ୍ୟା ଉପୁଜୁଛି। ଜଳ ନିଷ୍କାସନ ଲାଗି ଉଦ୍ଦିଷ୍ଟ ଗଡାଣିଆ ସ୍ଥାନଗୁଡିକରେ ଲୋକେ ବହୁତଳ କୋଠା ନିର୍ମାଣ କରୁଥିବାରୁ ପାଣି ଯିବାକୁ ବାଟ ରହୁନାହିଁ। ଫଳରେ ଅତ୍ୟାଧିକ ବର୍ଷା ପାଣି ସହର ମଧ୍ୟରେ ପ୍ରବାହିତ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଏହା ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପକ୍ଷରେ ପୌର ପ୍ରଶାସନ ପକ୍ଷରୁ ନିର୍ମିତ ଡ୍ରେନ୍‌ଗୁଡିକ ଠିକ୍ ସମୟରେ ସଫା ନ ହେବା, ଡ୍ରେନ୍ ଉପରକୁ ଜବରଦଖଲ କରି ରଖିବା, ଡ୍ରେନ୍ ଭିତରେ ଅଳିଆ ଆବର୍ଜନା ପକାଇବା ଯୋଗୁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।



ସେମିଳିଗୁଡ଼ାରେ ଜଳାର୍ଣ୍ଣବ ସ୍ଥିତି।

ବୁଧବାର ସନ୍ଧ୍ୟାରେ ଏମିତି ପ୍ରବଳ ବର୍ଷାରେ ପାଣିର ସ୍ରୋତରେ ଜଣେ ଯୁବକ ଭାସିଯାଇ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସେ ଯାଉଥିବା ବେଳେ ହଠାତ୍ ରାସ୍ତା ଉପରେ ଚାଲୁଥିବା ଅଣ୍ଟାଏ ଉଚ୍ଚର ପାଣି ସୁଅରେ ତାଙ୍କ ସ୍କୁଟି ଭାସିଯାଇଥିଲା। ପରେ ସେ ମଧ୍ୟ ଭାସି ଯାଇଥିଲେ। ଏହା ଦେଖି ସେଠାରେ ଥିବା କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ତୁରନ୍ତ ପାଣିସୁଅରୁ ଉଦ୍ଧାର କରିଥିଲେ। ତେବେ ଏପରି ସ୍ଥିତି ସମ୍ପର୍କରେ ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢୀ ସାମାଜିକ ଗଣମାଧ୍ୟମରେ ଫଟୋ ଓ ଭିଡିଓ ପୋଷ୍ଟ କରି ସମସ୍ତଙ୍କୁ ଜଣାଇଛନ୍ତି। ସେମିଳିଗୁଡା ତହସିଲ ପକ୍ଷରୁ ସେମିଳିଗୁଡା ଓ ସୁନାବେଡା ଅଞ୍ଚଳରେ ୨୮୪.୮୧ ଏକର ଜମି ଜବରଦଖଲ ହୋଇଥିବା ବେଳେ ଜବରଦଖଲ ଉଚ୍ଛେଦ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ଅନ୍ୟପକ୍ଷରେ ଦିନକର ବର୍ଷାରେ ବ୍ୟବସାୟିକ ସହର ସେମିଳିଗୁଡାର ଏଭଳି ଅବସ୍ଥା ନେଇ ସୁନାବେଡା ପୌର ପ୍ରଶାସନର ବର୍ଷା ପୂର୍ବ ପ୍ରସ୍ତୁତିକୁ ପଦାରେ ପକାଇ ଦେଇଛି। ସାଧାରଣ ଲୋକେ ପୌର ପ୍ରଶାନ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସେମିଳିଗୁଡା ଓ ସୁନାବେଡା ଅଞ୍ଚଳର ସରକାରୀ ଜମି ଜବରଦଖଲ ସମ୍ପର୍କରେ ଏକ ଖବର ଧରିତ୍ରୀରେ ପୂର୍ବରୁ ପ୍ରକାଶ ପାଇଥିଲା। ଏଭଳି ପରିସ୍ଥିତି ଉପୁଜିବା ନେଇ ପୂର୍ବାନୁମାନ କରାଯାଇଥିଲା, ଯାହା ଏବେ ସତ୍ୟ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ପ୍ରଶାସନ ଜବରଦଖଲ ଉଚ୍ଛେଦକରି ପରିସ୍ଥିତି ନ ସୁଧାରିଲେ ସ୍ଥିତି ଆହୁରି ସଙ୍କଟଜନକ ହେବ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି।

# ଅନୁମୋଦନ ହେଲା ୮ କୋଟିର କାର୍ଯ୍ୟ ଖସଡ଼ା

**କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ**

କୋରାପୁଟ,୭।୯(ଅମିତାଭ ବେହେରା)

କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ର ୪ର୍ଥ ବୈଠକ ଗୁରୁବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୩-୨୪ ବର୍ଷ ପାଇଁ ୮ କୋଟି ୪୦ ଲକ୍ଷ ଟଙ୍କାର ଏକ କାର୍ଯ୍ୟ ଖସଡା ଅନୁମୋଦିତ ହୋଇଛି। ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ଉନ୍ନୟନ ପରିଷଦର ୨୦୨୩-୨୦୨୪ ବର୍ଷରେ ୧୨ କୋଟି ୬୦ ଲକ୍ଷ ଟଙ୍କାର ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ୨୦୨୩-୨୪ର ଅବଶିଷ୍ଟ ୮ କୋଟି ୪୦ ଲକ୍ଷ ଟଙ୍କାର ପ୍ରସ୍ତୁତ ଏକ କାର୍ଯ୍ୟ ଖସଡା ଆଲୋଚନାକ୍ରମେ ଅନୁମୋଦିତ ହୋଇଥିଲା। ଏହି ଟଙ୍କାରେ ଜିଲାର ବିଭିନ୍ନ ଆଦିବାସୀ ନୃତ୍ୟ ଦଳକୁ ପାରମ୍ପରିକ ନୃତ୍ୟ ପୋଷାକ ଓ ବାଦ୍ୟ ଯନ୍ତ୍ର ଓ ଆଦିବାସୀ ସମାଜ ଦ୍ୱାରା ପରିଚାଳିତ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କୁ ବାଦ୍ୟଯନ୍ତ୍ର ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଦିବାସୀ ଯୁବତୀଯୁବକଙ୍କ କ୍ରୀଡ଼ା ପ୍ରତିଭାର ବିକାଶ ଲାଗି କ୍ରୀଡା ସାମଗ୍ରୀ ବଣ୍ଟନ, ଜିଲାସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର ପରିଚାଳନା କରିଥିଲେ। ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପାର୍ବତୀ ମସ୍ତି, ସୂର୍ଯ୍ୟନାରାୟଣ ରଥ, ହେମନ୍ତ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କାଶୀ ପ୍ରସାଦ ନାୟକ,ସୁବାସ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

କୋରାପୁଟ,୭।୯(ଅମିତାଭ ବେହେରା)

ଭାରତ ଯୋଡ଼ୋ ଯାତ୍ରାର ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ଗୁରୁବାର କୋରାପୁଟ ଟାଉନହଲଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ କନ୍ୟାକୁମାରୀଠାରୁ କାଶ୍ମୀର ୩୬୦୦ କି.ମି.ରୁ ଊର୍ଦ୍ଧ୍ୱ ପଦଯାତ୍ରା କରି ଯେଉଁ ଏକତାର ବାର୍ତ୍ତା ଦେଲେ ସେହି ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୋରାପୁଟ ଜିଲା କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ରମେଶ ଶାଖିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ବେଶ ପ୍ରତିଯୋଗିତା

ବାଲିମେଳା,୭।୯(ଶିବଦତ୍ତ ସାହୁ)

ବାଲିମେଳା ସହରର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ମହୋତ୍ସବ ପାଳିତ ହୋଇଯାଇଛି। ବିବେକାନନ୍ଦ ସ୍ମାର୍ଟ ସ୍କୁଲ ପରିଚାଳନା କମିଟି ପକ୍ଷରୁ ନର୍ସରି, ଏଲକେଜି ଓ ୟୁକେଜିର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ରାଧା ଓ ଶ୍ରୀକୃଷ୍ଣଙ୍କ ବେଶ ପ୍ରତିଯୋଗିତା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ରଥ, ସମ୍ମାନିତ ଅତିଥି କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତର ସିଆରସିସି କଲ୍ୟାଣୀ ସ୍ୱାଇଁ, ଶିବଦତ୍ତ ସାହୁ, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ ମଞ୍ଜୁ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଶ୍ରୀକୃଷ୍ଣ, ଭାରତମାତା ଓ ଭଗବାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଧା ଓ କୃଷ୍ଣ ବେଶଧାରଣ କରିଥିବା ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍କୁଲ ପରିସରେ ପ୍ରସ୍ତୁତ କରାଯାଇଥିବା ଦୋଳିରେ ରାଧାକୃଷ୍ଣ ବେଶରେ ଥିବା ପିଲାମାନେ ବସି ଝୁଲିଥିଲେ। ସ୍କୁଲ ପିଲାମାନଙ୍କ ପକ୍ଷରୁ ଦହି ହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଭାପତି ଶେଷଦେବ ପ୍ରଧାନ, ସମ୍ପାଦକ ନରେଶ କୁମାର ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ରୁଚିସ୍ମିତା ପରିଡା ପ୍ରମୁଖ ପରିଚାଳନା କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ବିଧାନସଭା ସମ୍ମୁଖରେ ଧାରଣା ଦେବ ସଂଘ

**କାଗଜକଳ ଶ୍ରମିକ ସଂଘ ବୈଠକ**

ଜୟପୁର,୭।୯(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ଗୁରୁବାର ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ପ୍ରମୋଦ ମହାନ୍ତି ସଭାପତିତ୍ୱ କରିଥିଲେ। ବୈଠକରେ କାଗଜକଳ ଓ ଶ୍ରମିକମାନଙ୍କର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ପର୍ଯ୍ୟନ୍ତ କାଗଜକଳ ଠିକ୍ ରୂପେ ଚାଲୁନି। ଜୁଲାଇ ୧୪ରୁ କାରଖାନା ଉତ୍ପାଦନ ବନ୍ଦ ରହିଛି। ୫ମାସ ହେଲା ଶ୍ରମିକମାନଙ୍କୁ ଦରମା ମିଳି ନ ଥିବା ଏବଂ ଗତ ୧ ତାରିଖରେ ୟୁନିଟ୍ ହେଡ୍‌ଙ୍କୁ ଘେରାଉ କରିବା ପରେ ଗୋଟିଏ ମାସର ଦରମା ସ୍ଥାୟୀ ଶ୍ରମିକଙ୍କୁ ମିଳିଥିବା ଆଲୋଚନା ବେଳେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏବେ ମଧ୍ୟ ଶ୍ରମିକମାନଙ୍କ ଇପିଏଫ୍ ଟଙ୍କା ମିଳିପାରୁନାହିଁ। ଅବସରପ୍ରାପ୍ତ ଶ୍ରମିକମାନେ ପେନ୍‌ସନ, ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇନାହାନ୍ତି। ଇତି ମଧ୍ୟରେ ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଲାଣି। ୪ବର୍ଷ ହେଲା କାରଖାନା ନାମକୁ ମାତ୍ର ଚାଲିଛି। କଞ୍ଚାମାଲ ଯୋଗାଣକାରୀଙ୍କ ବକେୟା ନ ଦେବାରୁ ସେମାନେ ଯୋଗାଣ ବନ୍ଦ କରିଦେଇଛନ୍ତି। ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ସମସ୍ତଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଆଗାମୀ ଦିନରେ ସଂଘ ଏ ବିଷୟରେ ବିଧାୟକମାନଙ୍କୁ ଅବଗତ କରିବ। ବିଧାନସଭା ସମ୍ମୁଖରେ ଧାରଣା ଦେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଦୀପ ପାଙ୍ଗିଆ, ବନମାଳୀ ପାତ୍ର, ବସନ୍ତ ବେହେରା,ଅଲେଖ ପାତ୍ର,ଉମା ଶତପଥୀ,ଡିପି ଅଗସ୍ତି, ଅଜୟ ବଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୩ ଦଶନ୍ଧି ପରେ ନଳକୂପ ଖନନ



ମାଲକାନଗିର, ୭।୯(ଦୁର୍ଯ୍ୟୋଧନ ପାତ୍ର)

ଆଜକୁ ୩ ଦଶନ୍ଧି ପୂରିଲା। ସରକାର କିମ୍ବା ପ୍ରଶାସନ କେହି ଗୁହାରି ଶୁଣିଲେ ନାହିଁ। ବୁନ୍ଦାଏ ପାଣି ଲାଗି ବାରମ୍ବାର ଆବେଦନକରି ଆସୁଥିଲେ ସୁଦ୍ଧା ତାଙ୍କର ଦୁଃଖ କେହି ବୁଝିଲେ ନାହିଁ। ଏପରି ଦୃଶ୍ୟ ମାଲକାନଗିରି ଜିଲା ମୋଟୁ ପଞ୍ଚାୟତ ବିନାୟକପୁର ବାଣ୍ଡାଗୁଡ଼ାରେ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମରେ ପ୍ରାୟ ୭୦ ପରିବାର ବସବାସ କରୁଛନ୍ତି। ଏହି ଗ୍ରାମବାସୀ ଆଜକୁ ପ୍ରାୟ ୩୦ ବର୍ଷରୁ ଅଧିକ ହେବ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସରକାରଙ୍କୁ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ସମସ୍ତଙ୍କୁ ତାଙ୍କ ଅଞ୍ଚଳରେ ଏକ ନଳକୂପ ଖନନ ଲାଗି ଆବେଦନ କରି ଆସୁଥିଲେ ସୁଦ୍ଧା କେହି ତାଙ୍କର ଗୁହାରି ଶୁଣିଲେ ନାହିଁ। ଏ ବିଷୟରେ ବରିଷ୍ଠ ବିଜେଡି ସମ୍ପାଦକ ତଥା ପୂର୍ବତନ ସମିତିସଭ୍ୟ ବିଶ୍ୱନାଥ ରେଡ୍ଡୀ ଜାଣି ତାଙ୍କ ଗ୍ରାମକୁ ଯାଇ ଦେଖିବା ପରେ ଗୁରୁବାର ସେହି ସ୍ଥାନରେ ଏକ ନଳକୂପ ଖନନ କରାଇଛନ୍ତି। ଏହି ନଳକୂପ ଖନନ ସମୟରେ ପୂର୍ବତନ ସରପଞ୍ଚ ଲିଙ୍ଗା ଏବଂ ନାଏବ ସରପଞ୍ଚ ଉପସ୍ଥିତ ରହି ନଳକୂପ ଖନନ କରାଇଥିଲେ। ଏହି ନଳକୂପ ଖନନ ହେବା ପରେ ଗ୍ରାମବାସୀ ବହୁ ଖୁସି ଅନୁଭବ କରିବା ସହ ବିଜେଡି ସମ୍ପାଦକ ରେଡ୍ଡୀ ଓ ଅନ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ଶୁଭାରମ୍ଭ

ମାଲକାନଗିରି,୭।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଆରମ୍ଭ ହୋଇଥିବା ନବଭାରତ ସାକ୍ଷରତା କାର୍ଯ୍ୟକ୍ରମକୁ ରାଜ୍ୟସ୍ତରୀୟ ଅଧିକାରୀ ତଥା ରାଜ୍ୟ ଶିକ୍ଷା ଉପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ପାଣିଗ୍ରାହୀ ଆସି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ସହ ଏହା କାଲିମେଳା ବ୍ଲକରୁ ଶୁଭାରମ୍ଭ କରିଥିଲେ। ତାଙ୍କ ଗସ୍ତ ସମୟରେ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନା ଓ ଅତିରିକ୍ତ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୮ ରୁ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ସାକ୍ଷରତା ଦିବସ କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ, ପଞ୍ଚାୟତ ଓ ବ୍ଲକସ୍ତରରେ ସାକ୍ଷରତା ଓ ସଚେତନତା ରାଲିର ଆୟୋଜନ କରାଯାଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି କ୍ରମରେ ଜିଲାର ସମସ୍ତ ବ୍ଲକରୁ ପ୍ରାୟ ୧୨୫୦ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।



ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ବାହାରିଥିବା ରାଲି।

# ସଞ୍ଜୁଙ୍କୁ ସହାୟତାର ହାତ ବଢ଼ାଇଲେ ସାମାଜିକକର୍ମୀ

ମାଥିଲ,୭।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା କଦମଗୁଡା ପଞ୍ଚାୟତର ସଞ୍ଜୁ କିର୍ଷାନୀ(୭) ରୋଗରେ ପଡିଛନ୍ତି। ତାଙ୍କୁ ଗୁରୁବାର ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସମାଜିକକର୍ମୀ ବିଦ୍ୟା ପୂଜାରୀ ଓ ଅନ୍ୟ ସାଥିମାନେ ୫ ହଜାର ଟଙ୍କାର ଆର୍ଥିକ ସାହାଯତା ପ୍ରଦାନ କରିଛନ୍ତି। ମେଡିକାଲରେ ସଞ୍ଜୁଙ୍କ ସ୍ୱାସ୍ଥ୍ୟ ବଗିଡିବାରେ ଲାଗିଛି। ବୁଧବାର ବିଜେଡି ଜିଲା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଆମ୍ବୁଲାନ୍ସ ଯୋଗେ ମାଥିଲି ମେଡିକାଲ ଆଣିଥିଲେ।



ସଞ୍ଜୁ କିର୍ଷାନୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଅତଣ୍ଡାରେ କଂଗ୍ରେସର ସାଙ୍ଗଠନିକ ବୈଠକ

ନନ୍ଦପୁର, ୭।୯(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ କଂଗ୍ରେସ କମିଟିର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଓ ନିର୍ବାଚନ ମଣ୍ଡଳୀସ୍ତରୀୟ ଦଳୀୟ ପଦାଧିକାରୀ ଯୋଗଦେଇ ବିଭିନ୍ନ ଗ୍ରାମ ପରିଦର୍ଶନକରି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅତଣ୍ଡା ସରପଞ୍ଚ ସହଦେବ ପାଙ୍ଗୀ ଓ ପଞ୍ଚାୟତ ସଭାପତି ରଘୁରାମ ଖେମୁଣ୍ଡୁଙ୍କ ସଭାପତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ବ୍ଲକ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଶାମ୍ବ ପାଙ୍ଗୀ, ଛାତ୍ର କଂଗ୍ରେସ ସଭାପତି ଡମ୍ବୁରୁ ଗୁଣ୍ଡା, ସଞ୍ଜୀବ ଖରା, ଆନନ୍ଦ କୁଲଦୀପ ପ୍ରମୁଖ ଗ୍ରାମବାସୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ଏବଂ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ଓଡ଼ିଶା ପଞ୍ଚାୟତ କର୍ମଚାରୀ ସଂଘ ବୈଠକ

ମାଲକାନଗିରି,୭।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାସ୍ତରୀୟ ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଂଘ ସଭାପତି ଦେବା ମାଡ଼ୀ ସଭାପତିତ୍ୱ କରିଥିବା ବେଳେ ସଂଘ ସମ୍ପାଦକ ଚନ୍ଦ୍ର ପାଙ୍ଗୀ ସଭା ପରିଚାଳନା କରିଥିଲେ। ବୈଠକରେ ସଭାପତି ଉପସ୍ଥାପନା କରିଥିଲେ ଯେ, ଦେଶ ସ୍ୱାଧୀନ ହୋଇ ୭୭ ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରୁଥିବା ପିଅନ, ଝାଡୁଦାର ଓ ରାତ୍ର ଜଗୁଆଳିମାନେ ମାସିକ ୫୦୦, ୩୦୦ ଟଙ୍କାରେ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ରାଜ୍ୟ ସରକାର ସର୍ବନିମ୍ନ ମଜୁରି ଦୈନିକ ୩୩୩ ଟଙ୍କାରୁ କମ୍ ହେଉ ନ ଥିବ, ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି, ଏହି କର୍ମଚାରୀଙ୍କ ପାଇଁ ରାଜ୍ୟ ବଜେଟରେ ଅଟକଳ ରଖାଯାଉ ବୋଲି ଦାବି ରଖିଥିଲେ। ଉକ୍ତ ବୈଠକରେ ଜିଲାର ୭ ବ୍ଲକ ସଭାପତି, ସମ୍ପାଦକ ଓ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ଆସନ୍ତା ଅଧିବେଶନ ପୂର୍ବରୁ ଏହି ଦାବିଗୁଡ଼ିକ ପୂରଣ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଛି।



ବୈଠକରେ ଜିଲା ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

# ମୁଦୁଲିପଡ଼ା, ଅଣ୍ଡ୍ରାହାଲରେ ଭୋଟର ସଚେତନତା ଶିବିର

ମାଲକାନଗିରି,୭।୯ (ଦୁର୍ଯ୍ୟୋଧନ ପାତ୍ର)/ଖଇରପୁଟ(ଜଗନ୍ନାଥ ମାଝି)

ଭୋଟର ସଚେତନତା(ସ୍ୱିପ୍) କାର୍ଯ୍ୟକ୍ରମ ଅଧୀନରେ ପିଭିଟିଜି ଯୁବଗୋଷ୍ଠୀଙ୍କୁ ସଚେତନ କରିବା ନେଇ ଖଇରପୁଟ ବ୍ଲକ ମୁଦୁଲିପଡ଼ା ଓ ଅଣ୍ଡ୍ରାହାଲ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ଡ.ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଭୋଟ ଦେବାର ମୌଳିକ ଅଧିକାର ସମସ୍ତଙ୍କର ରହିଛି, ଯାହା ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି। ତେଣୁ ଯେପରି ଅଧିକରୁ ଅଧିକ ପିଭିଟିଜି ଯୁବତୀ ଯୁବକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବେ। ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଫର୍ମ ୬ ମାଧ୍ୟମରେ ଯୋଗ, ଫର୍ମ ୭ ମାଧ୍ୟମରେ ଆବେଦନ ଓ ତ୍ରୁଟି ସଂଶୋଧନ ଓ ଫର୍ମ ୮ ମାଧ୍ୟମରେ ସ୍ଥାନାନ୍ତର ଓ ଭୋଟର ପରିଚୟପତ୍ର ସଂଶୋଧନ ନିମନ୍ତେ ଆବେଦନ କରିପାରିବେ ବୋଲି ସେ ଏଠାରେ ସୂଚନା ଦେଇଥିଲେ। ଶିବିରରେ



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭୋଟରମାନେ।

**ସଂଗ୍ରହହେଲା ୨୧୪ ଫର୍ମ**

ଫର୍ମ ନଂ. ୬ ମାଧ୍ୟମରେ ୧୭୯ ଜଣ ବ୍ୟକ୍ତି ଯୋଗଦେବା ନିମନ୍ତେ ଆବେଦନ କରିଛନ୍ତି। ସେହିପରି ଫର୍ମ ୮ରେ ୩୫ ଜଣ ସ୍ଥାନାନ୍ତର ଓ ଭୋଟର ପରିଚୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିଛନ୍ତି। ଶିବିରରେ ୨୧୪ ଫର୍ମ ସଂଗ୍ରହ କରାଯାଇଥିଲା। ସୂଚନାଯୋଗ୍ୟ, ୯ ବୁଥ୍‌ର ଭୋଟରମାନେ ଏଥିରେ ଯୋଗ ଦେଇଥିଲେ। ଶିବିରରେ ଉପନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଖଇରପୁଟ ବିଡିଓ ଉମାଶଙ୍କର କୋୟା, ମାଲକାନଗିରି ବିଡିଓ ପ୍ରଭାତୀ ଝୋଡ଼ିଆ, ସହାୟକ ଜିଲାପାଳ ଅଶୋକ ଚକ୍ରବର୍ତ୍ତୀ, ବଣ୍ଡା ଉନ୍ନୟନ କର୍ତ୍ତୃପକ୍ଷ(ବିଡିଓ)ପ୍ରୋଜେକ୍ଟ ଲିଡର ସଲମାନ ରାଇକା, ଜିପିଇଓ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତିରଞ୍ଜନ ସେଠୀ, ବୁଥ୍ ଲେଭଲ ଅଧିକାରୀ, ବୁଥ୍ ଲେଭଲ ସୁପରଭାଇଜର ଓ କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ସେପ୍ଟେମ୍ବର, ୨୦୨୩



**ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳିତ**

ଡାବୁଗାଁ,(ପ୍ରଜ୍ଞାରଞ୍ଜନ ପରିଡ଼ା)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ବୁଧବାର ରାତିରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଉପଲକ୍ଷେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଛୋଟ ଶିଶୁମାନେ ଭଜନର ତାଳେ ତାଳେ ନାଚୁଥିଲେ। ପୂଜା କାର୍ଯ୍ୟରେ ମହେଶ ପଣ୍ଡା, ଗୋବିନ୍ଦ ପଣ୍ଡା ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବଲ୍ଲଭ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀପକ ସ୍ୱାଇଁ, ଗଗନ ବିହାରୀ ମହାନ୍ତି, ସୁଶାନ୍ତ ପଣ୍ଡା, ମନ୍ମଥ ପଣ୍ଡା, ସୁବାସ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୁରୁବାର ମଧ୍ୟାହ୍ନରେ ନନ୍ଦୋତ୍ସବ ପାଳନ କରାଯାଇଛି। ସମସ୍ତ ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କଲେ ଡିଇଓ

**୪୫ ଛାତ୍ର ହଷ୍ଟେଲ ଛାଡ଼ିବା ଘଟଣା**

ନବରଙ୍ଗପୁର, ୭।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବରଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେନ୍ଦ୍ର କୁମାର ବେହେରାଙ୍କୁ ଡିଇଓ ପ୍ରଦୀପ କୁମାର ନାଗ ଚିଠି ନମ୍ବର ୪୧୮୭ରେ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ କୋଷାଗୁମୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ନିୟମିତ ଉପସ୍ଥାପନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବରଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନାରାୟଣ ପ୍ରସାଦ ଗିରିଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ପ୍ରକାଶ ଯେ, ଉକ୍ତ ହାଇସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରମ ରହିଛି। ହଷ୍ଟେଲରେ ବିଭିନ୍ନ ଅସୁବିଧା ହେଉଥିବା ଅଭିଯୋଗକରି ସେଠାରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ ୪୫ ଜଣ ଛାତ୍ର ହଷ୍ଟେଲ ଛାଡ଼ି ଚାଲିଯାଇଥିଲେ। ଏଥିସହ ପିଲାମାନଙ୍କୁ ଗୋଡ଼ହାତ ଘଷିବା, ବାଇକ୍ ଧୋଇବା ଭଳି ବ୍ୟକ୍ତିଗତ କାର୍ଯ୍ୟରେ ଶିକ୍ଷକ ଲଗାଉଛନ୍ତି। ପିଲାଏ ନ ମାନିଲେ ଧମକ ଚମକ ମିଳୁଛି ବୋଲି ଅନ୍ତେବାସୀ ଅଭିଯୋଗ କରିଥିଲେ। ଅନେକଥର ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଶେଷରେ ହଷ୍ଟେଲ ଛାଡ଼ିଥିଲେ। ଏହିଭଳି ଘଟଣା ପରେ ଡିଇଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

### ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ନେଇ ପ୍ରସ୍ତୁତି

ନବରଙ୍ଗପୁର, ୭।୯(ସଦାଶିବ ପ୍ରହରାଜ)

ସେପ୍ଟେମ୍ବର ୯ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏନେଇ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦହାଣ୍ଡି ଓ ଝରିଗାଁରେ ଥିବା କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୩ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଦେୱାନୀ, ଫୌଜଦାରି (ସାଲିସଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦିର ଆପୋସ ସହମତିରେ ସହଜ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ସମାଧାନ ହୋଇଥାଏ। ଏଥିସହ ପ୍ରାକ୍ ମକଦ୍ଦମାସ୍ତରୀୟ (ମକଦ୍ଦମାକୁ ଯିବା ପୂର୍ବରୁ) ବିବାଦ ଯଥା ବ୍ୟାଙ୍କ ଋଣ ଦେୟ, ବିଜୁଳି/ ଜଳଯୋଗାଣ ଦେୟ, ଚେକ୍ ବାଉନ୍ସ ସମ୍ବନ୍ଧୀୟ ବିବାଦ, ଶ୍ରମ ବିବାଦ ଆଦିର ଆପୋସ ସହମତିରେ ସମାଧାନ କରାଯିବ। ଅଧିକ ତଥ୍ୟ ପାଇଁ ଲୋକେ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ, ଉମରକୋଟ ଓ ଚନ୍ଦହାଣ୍ଡି ତାଲୁକ ଆଇନ ସେବା କମିଟି ସହ ଯୋଗାଯୋଗ କରିପାରିବେ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ସୂଚନା ଦେଇଛନ୍ତି। ଯୋଗାଯୋଗ ପାଇଁ ଫୋନ ନମ୍ବର ୦୬୮୫୮-୨୨୨୪୪୫ ପ୍ରଦାନ କରାଯାଇଛି।

### ଅଭିଯାନ 'ମୁଁ ବି ମିତା' ଉଦ୍‌ଘାଟିତ

ନବରଙ୍ଗପୁର, ୭।୯(ସଦାଶିବ ପ୍ରହରାଜ)

ସୁଦୃଢ଼ ଗଣତନ୍ତ୍ର, ସୁସ୍ଥ,ସବଳ ରାଷ୍ଟ୍ର ଗଠନରେ ଭୋଟରଙ୍କ ଭୂମିକା ଅନେକ। ନୂତନ ଭୋଟରମାନେ ଯେପରି ଏଥିରେ ସାମିଲ ହୋଇ ନିର୍ବାଚନରେ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରେ ସକ୍ଷମ ହେବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ "ମୁଁ ବି ମିତା" ଅଭିଯାନର ଏକ ସଚେତନତା ଶୋଭାଯାତ୍ରା ନବରଙ୍ଗପୁରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବେଡ଼କର ଛକରୁ ଶୋଭାଯାତ୍ରା ବାହାରି ମିଶନ ଶକ୍ତି ସଭା ଗୃହ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ଅଭିଯାନ ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ ମିଶ୍ର, ଡେପୁଟି କଲେକ୍ଟର ଦୁର୍ଯ୍ୟୋଧନ ଭୋଇ, ଡିଆଇପିଆର୍‌ଓ ହଳଧର ନିଆଲ, ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାସ୍କରନାଥ ବିଶ୍ୱାଳ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ,ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ନୂତନ ଭୋଟରଙ୍କୁ ନାମ ପଞ୍ଜିକରଣ ନେଇ ସଚେତନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

# ପିଲାଙ୍କୁ ଫାଷ୍ଟଫୁଡ୍ ନ ଦେଇ କ୍ଷୁଦ୍ର ଶସ୍ୟ ପ୍ରସ୍ତୁତ ଖାଦ୍ୟ ଦିଅ

**ଜିଲାସ୍ତରୀୟ ପୋଷଣ ମାସର ଶୁଭାରମ୍ଭ**

ନବରଙ୍ଗପୁର, ୭।୯(ସଦାଶିବ ପ୍ରହରାଜ)



ଅତିଥିମାନେ ପୋଷ୍ଟର ଦେଖାଇ ପୋଷଣ ମାସର ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ କମଲଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପୋଷଣ ମାସର ଶୁଭାରମ୍ଭ କରାଯାଇଛି। ଏ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜରୁ କୁପୋଷଣକୁ ସମ୍ପୂର୍ଣ୍ଣଭାବେ ଦୂରେଇବାକୁ ହେଲେ ବିଶେଷକରି ମାଆ ଓ ଶିଶୁଙ୍କର ପୋଷଣ ନିମନ୍ତେ ପରିପୂରକ ଖାଦ୍ୟ ଉପରେ ଧ୍ୟାନଦେବାର ଆବଶ୍ୟକତା ରହିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ମା' ମାନେ ଯେପରି ସ୍ତନ୍ୟପାନର ଗୁରୁତ୍ୱ ଠିକ୍ ଭାବେ ବୁଝିପାରିବେ ସେ ଦିଗରେ ସମସ୍ତ ଅଙ୍ଗନୱାଡି କର୍ମୀ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା କୁପୋଷଣ ରୋକିବା ନିମନ୍ତେ ଜିଲା ପ୍ରଶାସନର ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ଅଙ୍ଗନୱାଡି ସ୍ତରରେ ସ୍ତନ୍ୟପାନର ଉପକାରିତା, ପରିପୂରକ ପୁଷ୍ଟିକର ଆହାର, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟ ଓ ସନ୍ତୁଳିତ ଆହାର, କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ, ସୁଆଁ ଓ ମକାରେ ପ୍ରସ୍ତୁତ ଖାଦ୍ୟର ଉପକାରିତା, ରକ୍ତହୀନତା କାରଣ ନିରାକରଣ ଉପରେ ସାଧାରଣ ସଭା, ସଚେତନତା ଶୋଭାଯାତ୍ରା, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟର ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ସବୁବର୍ଗର ଲୋକଙ୍କ ସହିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପୋଷଣ ମାସ ପାଳନ ଅବସରରେ ମାସେ ବ୍ୟାପୀ ହେବାକୁଥିବା କାର୍ଯ୍ୟକ୍ରମର ବିଶଦ ବିବରଣୀ ଜିଲା ପୁଷ୍ଟି ସଂଯୋଜକ ସୁକାନ୍ତ ପାତ୍ର ଓ ପୋଷଣ ସଂଯୋଜକ ହେମରାଜ ଦଣ୍ଡସେନା ଉପସ୍ଥାପନ କରିଥିଲେ। ବଜାରରେ ମିଳୁଥିବା ଫାଷ୍ଟଫୁଡ୍ ପ୍ରତି ପିଲାଙ୍କ ଆଗ୍ରହ କମାଇ ମାଣ୍ଡିଆ, ସୁଆଁ, ବାଜରା ଓ ମକାରେ ଖାଦ୍ୟ ପ୍ରସ୍ତୁତ କରି ସେମାନଙ୍କୁ ଦେବାକୁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା ବୁଝାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆର୍‌ଓ ହଳଧର ନିଆଲ, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ, ଜିଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି, ସିଡିପିଓ ଏସ୍.ଏ. ଗୀତା, କାଞ୍ଚନ ପଣ୍ଡା, ବିନୀତା ଜେଠି ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ସୁପରଭାଇଜର ତଥା ସମସ୍ତ ବ୍ଲକ ପୋଷଣ ସଂଯୋଜକମାନେ ଆଲୋଚନାରେ ସାମିଲ ହୋଇଥିଲେ। ଉମରକୋଟ ବ୍ଲକ କଳା ସଂସ୍କୃତି ସଂଗଠନ ପୋଷଣଭିତ୍ତିକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ କରିଥିଲେ। ୧୮ ଜଣ କିଶୋରୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ନନ୍ଦାହାଣ୍ଡି ସିଡିପିଓ ସସ୍ମିତାବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅର୍ଥ ଦେଲେ ହେଉଛି ଡେପୁଟେଶନ

ପଟ୍ଟାଙ୍ଗି,୭।୯(ଶରତ ଧଳ)

**ପଟ୍ଟାଙ୍ଗି ଶିକ୍ଷା ବିଭାଗରେ ଦୁର୍ନୀତି**

ଗୋଟିଏ ବିଦ୍ୟାଳୟରୁ ଅନ୍ୟ ଏକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଡେପୁଟେଶନ କରିପାରିବେ ନାହିଁ। ଅତି ଜରୁରୀ ଥିଲେ ଜିଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ ନେଇ ଡେପୁଟେଶନ କରିବେ। ମାତ୍ର ପଟ୍ଟାଙ୍ଗି ବ୍ଲକରେ ସରକାରଙ୍କ ଏହି ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ଏ କ୍ଷେତ୍ରରେ ଜିଲା ଶିକ୍ଷା ଅଧିକାରୀ ନୀରବ ରହୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ ବାଧାସୃଷ୍ଟି ହେଉଛି। ଏହିପରି ଅବ୍ୟବସ୍ଥା ଦେଖାଦେଇଛି କୋରାପୁଟ ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗରେ। ଏହି ଶିକ୍ଷା ବିଭାଗ ଅଧୀନରେ ବ୍ଲକର ୧୮୧ଟି ବିଦ୍ୟାଳୟ ରହିଛି। ସେଥିରୁ ଗଣଶିକ୍ଷା ବିଭାଗର ୧୬୬ ବିଦ୍ୟାଳୟ ଅଛି। ଏହି ବିଦ୍ୟାଳୟଗୁଡିକ ମଧ୍ୟରୁ ଅନେକ ବିଦ୍ୟାଳୟ ବ୍ଲକର ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହିଛି। ଗଣଶିକ୍ଷା ବିଭାଗ ଅଧୀନରେ ୩୫୯ ଜଣ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟରତ ଥିବା ସେମାନଙ୍କ ମଧ୍ୟରୁ ୮୬ ଜଣ ନିଜ ଦାୟିତ୍ୱ ତୁଲାଇବାରେ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ସେମାନେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ମାଧ୍ୟମରେ କାର୍ଯ୍ୟରତ ବିଦ୍ୟାଳୟରୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନରେ ମାସ ମାସ ଧରି ନିଜ ଘରେ ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଭୋଟର ପରିଚୟପତ୍ର ବା ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକଙ୍କୁ ବିଏଲ୍‌ଓ ଭାବେ ଜିଲା ପ୍ରଶାସନ ଦାୟିତ୍ୱ ଦେଇଛି। ତେବେ ସେମାନଙ୍କୁ କାର୍ଯ୍ୟରତ ବିଦ୍ୟାଳୟରୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନ ନ କରିବାକୁ ଜିଲାପାଳ କଡା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ଲକ ଶିକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନାକରି ବିଏଲ୍‌ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟକୁ ଡେପୁଟେଶନ କରାଯାଉଛି। ଏହା ନ ମାନିଲେ ଦରମା ବନ୍ଦ କରାଯିବ ବୋଲି ସମ୍ପୃକ୍ତ ଶିକ୍ଷକମାନଙ୍କୁ କୁହାଯାଉଛି। ତେବେ ଏପରି ଡେପୁଟେଶନ ପଛରେ କେତେଜଣ ସିଆର୍‌ସିଙ୍କ ଭୂମିକା ରହିଥିବା ଆଲୋଚନା ହେଉଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବା ଲାଗି ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଜିଲା କଂଗ୍ରେସର ପଦଯାତ୍ରା



ଶହୀଦ ମୀନାରରେ କଂଗ୍ରେସ କର୍ମୀ।

ପାପଡ଼ାହାଣ୍ଡି,୭।୯(ସ୍ୱପ୍ନଜିତ ପଟ୍ଟନାୟକ)

**ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ପଦଯାତ୍ରାର ଏକ ବର୍ଷ ପୂର୍ତ୍ତି**

ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ପଦଯାତ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ପାପଡାହାଣ୍ଡି ସଦର ମହକୁମାରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶତାଧିକ କର୍ମୀ ଏହି ଅବସରରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ହାତରେ ଜାତୀୟ କଂଗ୍ରେସର ପତାକା ଧରି ରାହୁଲଙ୍କ ସପକ୍ଷରେ କର୍ମୀମାନେ ନାରା ଦେଇଥିଲେ। ଗ୍ରାମ ପରିକ୍ରମା କରିବା ସହ ଶହୀଦ ମୀନାରରେ ପହଞ୍ଚିଥିଲେ। ସେଠାରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଜିଲାର ୧୦ ବ୍ଲକର କଂଗ୍ରେସ ସଭାପତି, କଂଗ୍ରେସର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ଭାଗ ନେଇଥିଲେ। ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଶ୍ରୀକାନ୍ତ ମିଶ୍ର, ଭି ବିକାଶ ରାଓ, ବୃନ୍ଦାବନ ତ୍ରିପାଠୀ, ଦ୍ୱାରିକା ମହାପାତ୍ର, ପବିତ୍ର ଗରଡ଼ା, ମାର୍କଣ୍ଡ ସାହୁ, ପ୍ରହଲ୍ଲାଦ ହିଆଲ, ପଦମ ସାଇ ମାଳି, ପ୍ରକାଶ ପଣ୍ଡା, ବନସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର

**ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବା ଦାବି**

ନବରଙ୍ଗପୁର,୭।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଟିକିରାପାଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନିଲମ୍ବିତ ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରାଙ୍କୁ ପୁଣି ଫେରାଇ ଆଣିବାକୁ କେତେଜଣ ପିଲା ସ୍କୁଲରେ ତାଲା ପକାଇ ଥିଲେ। ଡିଇଓଙ୍କ ନିର୍ଦ୍ଦେଶକ୍ରମେ ୨ ଏବିଇଓ ଘଟଣାସ୍ଥଳ ପହଞ୍ଚି ସେମାନଙ୍କୁ ବୁଝେଇବାରେ ଅସଫଳ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଟିକରାପାଲା ସରକାରୀ ଉନ୍ନତ ବିଦ୍ୟାଳୟ କାର୍ଯ୍ୟରତ ସହକାରୀ ଶିକ୍ଷୟତ୍ରୀ ମଧୁସ୍ମିତା ଦଶମ ଶ୍ରେଣୀ ଛାତ୍ରୀ ମିକିତା ଧାଙ୍ଗଡ଼ାଙ୍କୁ ଦୁର୍ବ୍ୟବହାର ଓ ଶ୍ରେଣୀରୁ ତଡ଼ିବା ଘଟଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଗ୍ରାମବାସୀ ଅଗଷ୍ଟ ୨୫ରେ ଡିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଡିଇଓ ଦୁଇଜଣ ଏଡିଓକୁ ୨୯ ତାରିଖରେ ଟୀକାରାପାଳା ବିଦ୍ୟଳୟକୁ ତଦନ୍ତ ପାଇଁ ପଠାଇଥିଲା। ତଦନ୍ତ ରିପୋର୍ଟ ଡିଇଓ ପାଇବା ପରେ ସେପ୍ଟେମ୍ବର ୪ରେ ଶିକ୍ଷୟତ୍ରୀଙ୍କୁ ଚାକରିରୁ ନିଲମ୍ବିତ କରିଥିଲେ। ଗୁରୁବାର ଶିକ୍ଷକମାନେ ବିଦ୍ୟାଳୟରେ ପହଞ୍ଚିବା ପୂର୍ବରୁ କେତେଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଫେରାଇ ଆଣିବାକୁ ଜିଦ୍ ଧରିଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଏନେଇ ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏନେଇ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଏବିଇଓ ପୂର୍ଣ୍ଣଚନ୍ଦ୍ର ମାଝି ଓ ସୁଦର୍ଶନ ନାୟକ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ନ ମିଳିଲେ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ସେମାନେ କହିଛନ୍ତି । ବିଦ୍ୟାଳୟ ତାଲା ପକାଇବା ଯୋଗୁ ଶିକ୍ଷକ ଓ ଅଧିକାଂଶ ଛାତ୍ରୀଛାତ୍ର ବର୍ଷା ଯୋଗୁ ସାଇକଲ ଷ୍ଟାଣ୍ଡରେ ରହିଥିଲେ।

# ଭାରରେ ବୁହାହେଲେ ଗର୍ଭବତୀ



ପଟ୍ଟାଙ୍ଗି,୭।୯(ଶରତ ଧଳ)

**ଗାଁରେ ପହଞ୍ଚିଲାନି ଆମ୍ବୁଲାନ୍ସ**

ଜାତୀୟ ରାଜପଥଠାରୁ ଗ୍ରାମକୁ ସଂଯୋଗ ରାସ୍ତା ପାଲଟିଛି ମରଣଯନ୍ତା। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହାଦ୍ୱାରା ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି ଅଭିଯୋଗ ଆଣିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ନୂଆଁଗୁଡା ଗ୍ରାମର ଗ୍ରାମବାସୀ। ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଶେଷରେ ଗ୍ରାମବାସୀ ଜଣେ ଗର୍ଭବତୀଙ୍କୁ ଭାରରେ ବୋହି ନେଇ ଡାକ୍ତରଖାନାରେ ପହଞ୍ଚାଇଥିଲେ। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୪ କି.ମି.ଦୂରରେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଜରୁରୀ ସମୟରେ ଗ୍ରାମବାସୀଙ୍କ କୌଣସି କାର୍ଯ୍ୟରେ ଆସି ନ ଥିଲା। ନୂଆଁଗୁଡା ଗ୍ରାମର ସୁନୀଲ ରୁଆଙ୍କ ସ୍ତ୍ରୀ ସୁସ୍ମିତା ପ୍ରଥମଥର ପାଇଁ ଗର୍ଭ ଧାରଣ କରିଥିଲେ। ତାଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇ ସେ ଅସୁସ୍ଥ ହୋଇ ପଡିବାରୁ ସ୍ୱାମୀ ସୁନୀଲ ଆମ୍ବୁଲାନ୍ସକୁ ଡକାଇଥିଲେ। ମାତ୍ର ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଗ୍ରାମରେ ପହଞ୍ଚି ପାରି ନ ଥିଲା। ଶେଷରେ ସ୍ୱାମୀ ସୁନୀଲ ଗ୍ରାମବାସୀ ଓ ସମ୍ପର୍କୀୟଙ୍କ ସହଯୋଗରେ ସୁସ୍ମିତାଙ୍କୁ ଭାରରେ ବୋହି ଗ୍ରାମ ଠାରୁ ଅଧା ବାଟରେ ଅଟକି ରହିଥିବା ଆମ୍ବୁଲାନ୍ସ ନିକଟକୁ ନେଇ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ। ତୁରନ୍ତ ଚିକିତ୍ସା ଯୋଗୁ ସସ୍ମିତାଙ୍କ ଅବସ୍ଥା ସୁଧୁରିଥିଲା। ସୂଚନା ଯୋଗ୍ୟ ଗ୍ରାମର ଏହି ରାସ୍ତା ସମସ୍ୟା ସମ୍ପର୍କରେ ସଦର ପଞ୍ଚାୟତ ୪ନଂ. ୱାର୍ଡର ସଦସ୍ୟା ସୁନାଦେଇ ପଡାଲ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନାହିଁ।

# ମକା ଚୋରି ସନ୍ଦେହରେ ୧୦ ଯୁବକଙ୍କୁ ନିସ୍ତୁକ ମାଡ଼

ନବରଙ୍ଗପୁର,୭।୯(ସଦାଶିବ ପ୍ରହରାଜ)

**ଭିଡିଓ ଭାଇରାଲ**

ମକା କ୍ଷେତରୁ ଚୋରି କରିବା ଅଭିଯୋଗରେ କଳାହାଣ୍ଡିରୁ ଆସି ଉମରକୋଟରେ କାମ କରୁଥିବା ୧୦ଜଣ ଯୁବକଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ମାଡ଼ ଖାଇଥିବା ଯୁବକମାନେ ଉମରକୋଟ ଛାଡ଼ି ପଳାଇଥିବା ଜଣାପଡ଼ିଛି। ତେବେ ଘଟଣା ସମ୍ପର୍କରେ ଉମରକୋଟ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

ଉମରକୋଟ ସହର ନିକଟସ୍ଥ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପାଖରେ ତିଆରି ଚାଲିଥିବା ଇନ୍‌ଡୋର ଷ୍ଟାଡିୟମ୍‌ରେ କଳାହାଣ୍ଡିର ୧୦ଜଣ ଯୁବକ ରଙ୍ଗ ମାରିବା କାମ କରୁଥିଲେ। ଷ୍ଟାଡିୟମ ପାଖରେ ଥିବା ମକା କ୍ଷେତରୁ ଯୁବକମାନେ ୩ଦିନ ହେବ ମକା ଚୋରାଉ ଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ବୁଧବାର ରାତି ପ୍ରାୟ ୭ଟାରେ ଗ୍ରାମବାସୀ ମକା କ୍ଷେତରେ ଲୁଚି ବସିଥିଲେ। କିନ୍ତୁ ରଙ୍ଗ କାମ କରୁଥିବା ଯୁବକମାନେ ମକା ତୋଳିବା ପାଇଁ ଯାଇ ନ ଥିଲେ। ତେବେ ରାତି ପ୍ରାୟ ୯ଟାରେ ମକା ପୋଡ଼ା ବାସ୍ନା ଗାଁକୁ ଯାଇଥିଲା।


ଭାଇରାଲ ଭିଡ଼ିଓର ଏକ ଦୃଶ୍ୟ।

ଗୁରୁବାର ଗ୍ରାମବାସୀ ରଙ୍ଗ କାମ କରୁଥିବା ଯୁବକ ନିକଟକୁ ଆସି ମକା ଧରାଇ ଫଟୋ ଉଠାଇଥିଲେ। ବଜାରରୁ ମକା କିଣି ଖାଉଛୁ ବୋଲି ଯୁବକମାନେ କହିବା ସତ୍ତ୍ୱେ ଗ୍ରାମବାସୀ ନ ଶୁଣି ଚପଲ, ବାଡ଼ି ଓ ଠେଙ୍ଗାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ମାଡ଼ ଖାଇଥିବା ଯୁବକମାନେ ସ୍ଥାନୀୟ ଅଞ୍ଚଳ ଛାଡ଼ି ପଳାଇଛନ୍ତି। ଘଟଣାରେ ସମ୍ପୃକ୍ତ ଗ୍ରାମବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଖବର ଲେଖାଯିବା ସୁଦ୍ଧା ଉମରକୋଟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଗତିଗୁଡ଼ାରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ

ଉମରକୋଟ, ୭।୯(ସନ୍ତୋଷ ଶତପଥୀ)

ଉମରକୋଟ ସହରର ୱାର୍ଡ ନମ୍ବର ୨ର ଗୋତିଗୁଡ଼ାରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉପଲକ୍ଷେ ଗୁରୁବାର ଅପରାହ୍ନରେ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୪ ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ସମ୍ପନ୍ନ ହେବାରେ ବିଳମ୍ବ ହେବାରୁ ୪ଟି ଦଳକୁ ପୁରସ୍କାର ଅର୍ଥ ସମାନ ଭାବରେ ବଣ୍ଟାଯାଇଛି। ଯାଦବ ସମାଜ ଯୁବ ସଭାପତି ନବ କିଶୋର ଗୌଡ଼ ମୁଖ୍ୟ ଅତିଥି, ପୋଲିସ ସବ ଇନ୍ସପେକ୍ଟର ସୌମେନ୍ଦ୍ର ସେଠ ଓ ଅକ୍ଷୟ ମିଶ୍ର, କାଉନସିଲର ଚିତ୍ତରଞ୍ଜନ ପାତ୍ର, ତ୍ରିନାଥ ଗୌଡ଼, ଭୁବନ ଗୌଡ଼, ଗଜେନ୍ଦ୍ର ଗୌଡ଼, ଡ଼ମ୍ବରୁ ପାତ୍ର ଓ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଗତକାଲି ସନ୍ଧ୍ୟାରୁ ନାମ ସଙ୍କୀର୍ତ୍ତନ କରାଯାଇଛି। ଗୁରୁବାର ସକାଳ ୧୧ ଟାରେ ଶ୍ରୀକୃଷ୍ଣଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ନନ୍ଦ ଉତ୍ସବ ଅବସରରେ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ବ୍ଲକ ବିଜେଡି ସଭାପତି ମନୋଜ ଧଳ ଓ ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜନ୍ମାଷ୍ଟମୀ ପୂଜାରେ ଲୋମ୍ବଧର ମାଝି ଓ ତାଙ୍କ ସ୍ତ୍ରୀ ତଥା ପୌରାଧ୍ୟକ୍ଷା ରାଧା ଭତ୍ରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ୧୧ରୁ ଡାଟାଏଣ୍ଟ୍ରି ବନ୍ଦ ଚେତାବନୀ

ନବରଙ୍ଗପୁର,୭।୯(ସଦାଶିବ ପ୍ରହରାଜ)

**ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ଦାବିପତ୍ର**

ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ କ୍ୟାଡର୍ ପୁନର୍ଗଠନ ପ୍ରକ୍ରିୟାରେ ସରକାରଙ୍କ ଅବହେଳା ପ୍ରତିବାଦରେ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ସମସ୍ତ ଅନଲାଇନ୍ ଡାଟା ଏଣ୍ଟ୍ରିରୁ ନିବୃତ୍ତ ରହିବେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉଦ୍ଦେଶ୍ୟରେ ଉଚ୍ଚ କିରାଣୀ ଯାଦବ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ତୃଣମୂଳସ୍ତରରେ କାର୍ଯ୍ୟରତ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସ୍ୱାସ୍ଥ୍ୟ ପରିଦର୍ଶକ ଓ ସ୍ୱାସ୍ଥ୍ୟ ପରିଦର୍ଶିକା ସେମାନଙ୍କର ନାର୍ଯ୍ୟ ଦାବି ପୂରଣ ପାଇଁ କହି ଆସୁଛନ୍ତି। କିନ୍ତୁ କ୍ୟାଡର ପୁନର୍ଗଠନ ପ୍ରକ୍ରିୟାରେ ସରକାର ଅନେକ ଅବହେଳା ପ୍ରଦର୍ଶନ କରୁଛନ୍ତି। ସରକାର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରୋକ୍ଷଭାବରେ ଆନ୍ଦୋଳନ କରିବାକୁ ବାଧ୍ୟ କରୁଛନ୍ତି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରତ୍ୟେକ ସରକାରୀ କର୍ମଚାରୀ ଚାକିରୀ କାଳରେ ୪ରୁ ୮ ଟି ପଦୋନ୍ନତି ପାଉଛନ୍ତି। ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନେ ମାତ୍ର ଗୋଟିଏ ପଦୋନ୍ନତି ପାଉଛନ୍ତି ବା କେହି କେହି ବିନା ପଦୋନ୍ନତିରେ ଚାକିରିରୁ ଅବସର ନେଉଛନ୍ତି। ଏହାର ପ୍ରତିବାଦରେ ପୂର୍ବରୁ ପ୍ରତିବାଦ କରିଥିବାବେଳେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ରାଜ୍ୟସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଦାବିପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କ କ୍ୟାଡର୍ ପୁନର୍ଗଠିତ ହୋଇଥିଲେ ଆମେ ସେଇ ଅବହେଳିତ ଅବସ୍ଥାରେ ଅଛୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଆସନ୍ତା ସେପ୍ଟେମ୍ବର ୧୦ ସୁଦ୍ଧା କ୍ୟାଡର୍ ଗଠନ ପ୍ରକ୍ରିୟା ଶେଷ ନ କଲେ ୧୧ ତାରିଖରୁ ସମସ୍ତ କାର୍ଯ୍ୟ କରିବା ସଙ୍ଗେ କୌଣସି ୱେବ୍ ବେସଡ ଡାଟା ଏଣ୍ଟ୍ରି କରିବୁ ନାହିଁ, ସେଥିପାଇଁ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣରୂପେ ଦାୟୀ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜୋନାଲ ସଭାପତି ପ୍ରଦୀପ ପତି, ରିଜଓନାଲ ସଭାପତି ଗୋପାଳ କୃଷ୍ଣ ପାଢ଼ୀ, ଜିଲା ସଭାପତି ଏମ୍.ଆର୍.କେ ରାଜୁ, ଉପସଭାପତି ଶକୁନ୍ତଳା ମିଶ୍ର, ସମ୍ପାଦକ ସୁଲୋଚନା ସାମଲ, ମଧୁସୂଦନ ନାୟକ, କାମିନୀ ମହାନ୍ତି, କୋଷାଧ୍ୟକ୍ଷ ଶାନ୍ତନୁ ପାତ୍ରଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଗଞ୍ଜେଇ ଚାଲାଣ ବେଳେ ୩ ଗିରଫ

ଜୟପୁର, ୭।୯ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ବାରିଣିପୁଟ ପରାଜସାହିର ମୋତିରାମ ପରଜା (୨୫), ସାନ ପରଜା (୩୦) ଓ ଉତ୍ତର ପ୍ରଦେଶର ଫାରୁକ (୨୧)ଙ୍କୁ ଗିରଫ କରିଛି। ପୋଲିସ ୩୨୬ ନଂ. ଜାତୀୟ ରାଜପଥର ଡଙ୍ଗରଛିଞ୍ଚି ଛକରେ ଗାଡିମୋଟର ଯାଞ୍ଚ କରୁଥିଲା। ଏକ ବାଇକ ଯାଞ୍ଚ ବେଳେ ସେଥିରୁ ୨୨ କେଜି ଗଞ୍ଜେଇ ମିଳିଥିଲା। ମାଲକାନଗିରି ଜିଲା ଗୋବିନ୍ଦପାଲିରୁ ଗଞ୍ଜେଇ ଆଣି ଉତ୍ତର ପ୍ରଦେଶ ନେଉଥିଲେ ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹):48,85,826.25,EMD(₹):97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ଼

PR-554/O/23-24

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE (Addendum)**

No.1538/ CM Dated 05.09.2023

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam

